# CBSE
# Sample Question Paper - 2024-25
## CLASS - XII
## ODIA (113)

Time Allowed - 3 Hrs Maximum Marks - 80

**General Instruction :**

1. The question paper has total 14 questions and 6 printed pages.
2. It is divided into 4 Sections: -
   - Section-A: Question No. 1- 01 Question - 10 Marks
   - Section-B: Questions No. 2 and 3 - 02 Questions-12 Marks
   - Section-C: Questions No. 4 to 7 - 04 Questions -10 Marks
   - Section-D: Questions No. 8 to 14 - 07 Questions -48 Marks
3. Attempt the questions as per specific instruction.
4. Write down the serial number of the questions in the answer book before attempting it.
5. 15 minutes time has been allotted to read this question paper. The question paper will be distributed at 10.15 am. From 10.15 a.m to 10.30 a.m, the students will read the question paper only and will not write any answer on the answer book during this period.

## SECTION- A

1. ନିମ୍ନ ଅନୁଚ୍ଛେଦଟିକୁ ପଢ଼ି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । 5 x 2 =10

ସମଗ୍ର ବିଶ୍ୱ ଆଜି ଯୁଦ୍ଧର ବିଭୀଷିକା ମଧ୍ୟରେ ଆତଙ୍କିତ । ମଙ୍ଗଳଗ୍ରହ ପରି ପୃଥିବୀ ପୃଷ୍ଠରୁ ମଧ୍ୟ ମାନବଜାତି ଦିନେ ଲୋପ ପାଇଯିବ, ଏହି ଆଶଙ୍କା ପ୍ରକାଶ ପାଇଲାଣି । ବଡ଼ବଡ଼ ଶକ୍ତିଶାଳୀ ରାଷ୍ଟ୍ରମାନେ ଯୁଦ୍ଧପାଇଁ ସତତ ପ୍ରସ୍ତୁତ ରହିଛନ୍ତି । ଏଥିପାଇଁ ସେମାନେ ସେମାନଙ୍କର ରାଜକୋଷରୁ ବିପୁଳ ଅର୍ଥବ୍ୟୟ କରିବାକୁ ତିଳେମାତ୍ର କୁଣ୍ଠାବୋଧ କରୁନାହାନ୍ତି । କ୍ଷମତା ଓ ପ୍ରଭୁତ୍ୱର ବଶବର୍ତ୍ତୀ ହୋଇ ସେମାନେ ଅନ୍ୟାନ୍ୟ ଦୁର୍ବଳ ଦେଶକୁ ନିଜନିଜ ହାତରେ ସଖୀକଣ୍ଢେଇ କରି ନଚାଇବା ସହ ଲକ୍ଷଲକ୍ଷ ଲୋକଙ୍କ ଜୀବନ ନେବାକୁ ମଧ୍ୟ ପଶ୍ଚାତ୍‌ପଦ ହେଉନାହାନ୍ତି । ଆଜି ମନରେ ପ୍ରଶ୍ନ ଉଠେ ଯେ-ବିଶ୍ୱ ଶାନ୍ତି ଚାହେଁ ନା ଧ୍ୱଂସ ଚାହେଁ ? ଯେଉଁ ସୃଷ୍ଟି ମଧୁମୟ, ସେହି ସୃଷ୍ଟିକୁ ଗୋଟାଏ ଖିଆଲରେ ଧ୍ୱଂସ କରିଦେବା କେତେଦୂର ସମୀଚୀନ ! ଯୁଗେଯୁଗେ ମଣିଷ ଚାହେଁ ଶାନ୍ତି । କିନ୍ତୁ, ଯୁଦ୍ଧ ମଣିଷକୁ ଶାନ୍ତି ଦେଇପାରିବ ନାହିଁ କିମ୍ବା ଦେଶଦେଶ ମଧ୍ୟରେ ସୁସଂହତି ସ୍ଥାପନ କରିପାରିବ ନାହିଁ । ମହାଭାରତ ଯୁଦ୍ଧ ଏହାର ଜ୍ୱଳନ୍ତ ଉଦାହରଣ । ଯୁଦ୍ଧର ପରିଣତିରେ କୌରବମାନେ ବିନଷ୍ଟ ହୋଇଗଲେ । ପାଣ୍ଡବମାନେ ମଧ୍ୟ ମହାପ୍ରୟାଣ ଲାଭକଲେ । ଅନ୍ୟାୟ, ଅନୀତି ଏବଂ ଅଧର୍ମର ବିନାଶ କରି ଶାନ୍ତି ତଥା ଧର୍ମର ସଂସ୍ଥାପନ ନିମନ୍ତେ ରଚିଥିବା ଯୁଦ୍ଧର ମହାନାୟକ ଶ୍ରୀକୃଷ୍ଣ ନିଜେ ବିଲୀନ ହୋଇଗଲେ । ତାଙ୍କ ଯଦୁବଂଶ ମଧ୍ୟ ଧ୍ୱଂସ ହୋଇଗଲା । ମହାଭାରତ ଯୁଦ୍ଧ ଯୁଗଯୁଗ ଧରି ମନ୍ଦ୍ର ନିନାଦିତ କଣ୍ଠରେ ପ୍ରଚାର କରି ଆସିଛି ଯେ ଯୁଦ୍ଧଦ୍ୱାରା କଦାପି ଶାନ୍ତିସ୍ଥାପନ ସମ୍ଭବପରନୁହେଁ ।

(i) ମହାଭାରତ ଯୁଦ୍ଧରୁ ମଣିଷ କ'ଣ ବୁଝିପାରିଛି ?

(ii) ପୃଥିବୀପୃଷ୍ଠରୁ ମାନବଜାତି ଦିନେ ଲୋପ ପାଇଯିବ ବୋଲି କାହିଁକି ଆଶଙ୍କା ପ୍ରକାଶ ପାଇଛି ?

(iii) ଶକ୍ତିଶାଳୀ ରାଷ୍ଟ୍ରମାନେ ଯୁଦ୍ଧପାଇଁ ବିପୁଳ ଅର୍ଥବ୍ୟୟ କରିବାକୁ ତିଳେମାତ୍ର କୁଣ୍ଠାବୋଧ କରୁନାହାନ୍ତି କାହିଁକି ?

(iv) ଶ୍ରୀକୃଷ୍ଣ ମହାଭାରତ ଭଳି ଯୁଦ୍ଧର ଆୟୋଜନ କରିବାର କାରଣ କ'ଣ ?

(v) କେଉଁ କଥାଟି ସମୀଚୀନ କି ନୁହେଁ ବୋଲି ପ୍ରଶ୍ନ ଉଠିଛି ?

## SECTION- B

2. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ । 1 x 6 = 6

(i) ପ୍ରାକୃତିକ ସମ୍ପଦର ସୁରକ୍ଷା

(ii) ଆତ୍ମନିର୍ଭରଶୀଳ ଭାରତବର୍ଷ

(iii) ନିରକ୍ଷରତା ଦୂରୀକରଣରେ ଶିକ୍ଷାର୍ଥୀର ଭୂମିକା

3. ତୁମ ଅଞ୍ଚଳରେ ଏକ ସାର୍ବଜନୀନ ପାଠାଗାର ପ୍ରତିଷ୍ଠା ନିମନ୍ତେ ଜିଲ୍ଲାପାଳଙ୍କ ନିକଟକୁ ଏକ ଦରଖାସ୍ତ ଲେଖ ।

କିମ୍ବା 1 x 6 = 6

ତୁମ ଅଞ୍ଚଳରେ ଦେଖାଦେଇଥିବା ଘନଘନ ବିଜୁଳି ବିଭ୍ରାଟର ପ୍ରତିକାର ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟକୁ ଏକ ଦରଖାସ୍ତ ଲେଖ।

(ବି.ଦ୍ର:- ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## SECTION- C

4. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଅର୍ଥ ସୂଚାଉଥିବା ଶବ୍ଦଗୁଡ଼ିକୁ ଲେଖ । (ଯେକୌଣସି 3 ଟିର) 3 x 1=3

(i) ଅପେକ୍ଷା

(ii) ଚେତନ

(iii) ପରାଧୀନ

(iv) ବେସାମରିକ

5. ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ କରି ଲେଖ । (ଯେକୌଣସି 3ଟିର) 3 x 1=3

(i) ଧ୍ରୁବ

(ii) ଅର୍ଣ୍ଣ

(iii) ଇଶ୍ୱର

(iv) ଦମ୍ପତ୍ତି

6. ସମୋଚ୍ଚାରିତ ଶବ୍ଦଗୁଡ଼ିକର ଅର୍ଥ ଲେଖ । (ଯେକୌଣସି 2 ଟିର) 2 x 1=2

(i) ଚ୍ୟୁତ-ଚୂତ

(ii) ପ୍ରସ୍ତ-ପ୍ରସ୍ଥ

(iii) ନିଧନ-ନିର୍ଦ୍ଧନ

7. ଏକପଦରେ ଲେଖ । (ଯେକୌଣସି 2ଟିର) 2 x 1=2

(i) ସ୍ମରଣର ଯୋଗ୍ୟ

(ii) ଅର୍ଥ ଅଛି ଯହିଁରେ

(iii) ଭାଷାମାନଙ୍କର ରାଜା

## SECTION- D

8. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି 1ଟିର) 1 x 5=5

(i) ଛୁଆଁ ଅଛୁଆଁର ପୀଠସ୍ଥଳୀ ଭାରତରେ ସାମାଜିକନ୍ୟାୟ ଲଙ୍କାରେ ହରିଶଦ୍ଦ ପରି ।

(ii) ଖାଲି ନିରନ୍ନ ମୂର୍ଖଲୋକଙ୍କୁ ତାଲିମ୍ କରି ଫଉଜପୋଷାକ ପିନ୍ଧାଇଲେ ଦେଶର ସ୍ୱାଧୀନତା ରହି ପାରିବନାହିଁ ।

9. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 3 ଟିର) 3 x 2=6

(i) ପ୍ରକୃତିସ୍ଥ ମନୁଷ୍ୟ କେଉଁ ସମ୍ବନ୍ଧରୁ ବିଛିନ୍ନ ହେଲେ ଜୀବନର ମୂଲ୍ୟ ରହେନାହିଁ ?

(ii) ନୀଳାଚଳକୁ "ଉତ୍କଳ କମଳର କେଶର" ବୋଲି କାହିଁକି କୁହାଯାଇଛି ?

(iii) ଲେଖକ ଗଣତନ୍ତ୍ରକୁ ଦୋଷୀ କରିନାହାନ୍ତି କାହିଁକି ?

(iv) ପିଲାଟିଏ ଯଦି ପ୍ରାଥମିକ ସ୍କୁଲରୁ ନୋଟ୍ ବହି ପଢ଼ିବ ତାହାଲେ କ'ଣ ହେବ ?

(v) ପ୍ରାଥମିକ ମନୁଷ୍ୟ କିପରି କାଳାତିପାତ କରୁଥିଲା ?

10. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଗୁଡ଼ିକୁ ବାଛି ଲେଖ । 10 x 1=10

(i) ପ୍ରୟୋଜନୀୟ ବସ୍ତୁ ଲାଭପାଇଁ କାହାକୁ କଷ୍ଟ ଓ ଯାତନା ଭୋଗ କରିବାକୁ ପଡ଼ିଛି ?

(A) ଦେବତା (B) ଗୁରୁଜୀ
(C) ମହାପୁରୁଷ (D) ଅସୁର

(ii) 'ପତନ' କଥାଟି କେଉଁ ବ୍ୟକ୍ତିର ମସ୍ତକରେ ଉଜ୍ଜ୍ୱଳାକ୍ଷରରେ ଲିଖିତ ହୋଇଅଛି ?

(A) ଅଂହକାରୀ (B) ମିଥ୍ୟାବାଦୀ
(C) ସତ୍ୟବାଦୀ (D) କାଳ୍ପନିକ

(iii) କେଉଁ ପୁରରେ ସ୍ୱକର୍ମ ସାରି ଉତ୍କଳ ପଥରେ ଗତିକରିବାକୁ ବାରିଦକୁ ଲେଖକ ନିବେଦନ କରିଛନ୍ତି ?

(A) ଶ୍ରୀନଗରରେ (B) ପୁଷ୍ପପୁରରେ
(C) ମହୋଦଧିରେ (D) ତୁଙ୍ଗଶିଖରୀରେ

(iv) ସୂକ୍ଷ୍ମଶାଳିର ଗନ୍ତାଘର କିଏ ?

(A) କଟକ (B) ଭୁବନେଶ୍ୱର
(C) ରାଉରକେଲା (D) ସମ୍ବଲପୁର

(v) ଭାରତରେ ସାମାଜିକନ୍ୟାୟର ସ୍ୱରୂପ କିପରି ?

(A) ଲଙ୍କାରେ ହରିଶଦ୍ଦ ପରି (B) ଢ଼ୋଲ ଭିତରେ ମୂଷା ପରି
(C) ବାପାରାଣ ଢ଼ିଙ୍କିଗିଳ ପରି (D) ଉଷୁନାଧାନ ଗଜାହେବା ପରି

(vi) ଲେଖକ ଆଜିକାଲିର ଯୁଗକୁ କେଉଁ ଯୁଗ ବୋଲି କହିଛନ୍ତି ?

(A) ବିଶେଷଜ୍ଞଯୁଗ (B) ବିଜ୍ଞାନଯୁଗ
(C) ଯୋଜନାଯୁଗ (D) ଉନ୍ନୟନଯୁଗ

(vii) କୁସଂସ୍କାରପୂର୍ଣ୍ଣ ସାଧାରଣ ଶିକ୍ଷାବିହୀନ ସମାଜରେ କେଉଁ ଅଧିକାର ଚିଲିକା ମାଛପରି ସ୍ୱପ୍ନିଳ ଓ ଦୁଷ୍ପ୍ରାପ୍ୟ ?

(A) ସମ୍ପତ୍ତିଗତ ଅଧିକାର (B) ଭୋଟଦାନ ଅଧିକାର

(C) ସାମାଜିକ ଅଧିକାର (D) ବ୍ୟକ୍ତିଗତ ଅଧିକାର

(viii) 'ସତ୍ୟ ହୋଇଥିଲେ ସାଙ୍ଘାତିକ' ନାମରେ ଉପାଗ୍ର ଲେଖା, କେଉଁ କାଗଜରେ ପ୍ରକାଶିତ ହୋଇଥିଲା ?

(A) ସମାଜ (B) କଳିଙ୍ଗ

(C) ପ୍ରଜାତନ୍ତ୍ର (D) ବାଲେଶ୍ୱର ସମ୍ବାଦବାହିକା

(ix) ଆଗେ ମାଟ୍ରିକ୍ୟୁଲେସନ୍ ପାସ୍ କରି ଲୋକେ କେଉଁ କାମ ଚଳାଇ ଦେଉଥିଲେ ?

(A) ମାଜିଷ୍ଟ୍ରେଟ୍ (B) ଇନ୍‌ସପେକ୍ଟର

(C) ତହସିଲ୍‌ଦାର (D) ବି.ଡ଼ି.ଓ

(x) ସ୍ୱର୍ଗଚ୍ୟୁତ ପାରିଜାତ ବୋଲି କାହାକୁ କୁହାଯାଇଛି ?

(A) ବ୍ରହ୍ମେଶ୍ୱର ମନ୍ଦିର (B) ସାକ୍ଷୀଗୋପାଳ ମନ୍ଦିର

(C) ଲିଙ୍ଗରାଜ ମନ୍ଦିର (D) କୋଣାର୍କ ମନ୍ଦିର

11. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି 1 ଟିର) 1 x 5=5

(i) ସମ୍ଭାଳ ଟିକିଏ ସିପାହି ରବି ନଦିଅ ଦ୍ୱାରେ,
ପ୍ରଣୟ ପ୍ରଭାବ ଦେଖିବି କ୍ଷଣେ ରହି ବାହାରେ ।

(ii) ପତିତପାବନ ବନ୍ଧୁ ସେ ମୋର ବିଶ୍ୱ-ପରଶମଣି,
ପୁଣ୍ୟ ପରଶେ ସ୍ୱର୍ଣ୍ଣ କରିବେ ଏ ମୋର ଅଙ୍ଗ ପୁଣି ।

12. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 3 ଟିର) 3 x 2=6

(i) ଆଲେକଜାଣ୍ଡାରଙ୍କ ଶେଷ ଇଚ୍ଛା କ'ଣ ଥିଲା ?

(ii) ରାମଚନ୍ଦ୍ର ଯଜ୍ଞ କରୁଥିବା କଥା ଶୁଣି ସୀତା କେଉଁ ପ୍ରସଙ୍ଗରେ ନିଶ୍ଚିତ ହୋଇଥିଲେ ?

(iii) କବି ଗୋପବନ୍ଧୁଙ୍କ ମନପ୍ରାଣ ବିରହବିଷାଦରେ କାହିଁକି ଘାରୁଥିଲା ?

(iv) ପିଙ୍ଗଳା ନିଜକୁ ସର୍ପିଣୀ ବୋଲି କାହିଁକି କହିଛି ?

(v) କବି ଶୋଷିତମଣିଷକୁ କାହାର କୈଫିୟତ ମାଗିବାକୁ କହିଛନ୍ତି ?

13. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଗୁଡ଼ିକୁ ବାଛି ଲେଖ । 10 x 1 =10

(i) ରାଜାମାନେ କିପରି ନିଜର ମାଲ୍‌ଖାନା ପୂର୍ଣ୍ଣ କରୁଥିଲେ ?

(A) ପ୍ରଜାମାନଙ୍କର ଧନ ଅପହରଣ କରି (B) ଜରିମାନା କରି

(C) ବ୍ରିଟିଶ ସରକାରଙ୍କଠାରୁ କରଜ ଆଣି (D) ଭୂ-ସମ୍ପତ୍ତି ବିକ୍ରି କରି

(ii) 'ତପସ୍ୱିନୀର ପତ୍ର' କବିତାଟି କେଉଁ କାବ୍ୟରୁ ସଂଗୃହୀତ ହୋଇଛି ?

(A) ତପସ୍ୱିନୀ (B) ଅର୍ଘ୍ୟଥାଳି

(C) ଉତ୍କଳଲକ୍ଷ୍ମୀ (D) ରସ ରତ୍ନାକର

(iii) 'ନାନାରଙ୍ଗ ଚନ୍ଦ୍ର ଆତପେ ଆଚ୍ଛାଦିତ ଅମ୍ବର'- ଏଠାରେ ଅମ୍ବରର ଅର୍ଥ କ'ଣ ?

(A) ଲୁଗା (B) ଚାନ୍ଦୁଆ

(C) ଆକାଶ (D) ସୂର୍ଯ୍ୟ

(iv) ବିଧାତା ଧର୍ମ ରୂପକ ପୋତ ଗଢ଼ିଛନ୍ତି କାହିଁକି ?

(A) ସଂସାର ବାରିଧିକୁ ଅତିକ୍ରମ କରିବାପାଇଁ (B) ଧର୍ମ ପ୍ରଚାର କରିବାପାଇଁ

(C) ଲୋକଙ୍କୁ ଧର୍ମ ସମ୍ପର୍କରେ ସଚେତନ କରିବାପାଇଁ (D) ରାଜ୍ୟ ଶାସନ କରିବାପାଇଁ

(v) ତରୁଲତାଗଣ କ'ଣ ଶୁଣି ଅଥୟ ହୁଅନ୍ତି ?

(A) ସୀତାଙ୍କ କ୍ରନ୍ଦନ (B) ଋଷିମାନଙ୍କର ଓଁକାର ଧ୍ୱନି

(C) ଋଷିକୁମାରଙ୍କର ବେଦ ଧ୍ୱନି (D) ଲବକୁଶଙ୍କ ରାମାୟଣ ଗାନ

(vi) କବିଙ୍କ ତାପିତ ଅନ୍ତରରେ କିପରି ସାନ୍ତ୍ୱନା ଆସିବ ବୋଲି ସେ ମନେ କରିଛନ୍ତି ?

(A) ପ୍ରକୃତି ମଧ୍ୟରେ ସମ ହୃଦବେଦନା ଦେଖିଲେ (B) ଜେଲ ଭିତରେ ରହିଲେ

(C) ମୁକ୍ତି ପାଇଗଲେ (D) ସିପାହି ତାଙ୍କୁ ଜେଲ୍ ଭିତରେ ଆବଦ୍ଧ ନ କଲେ

(vii) ମୁକ୍ତା କେଉଁଠି ଫଳେ ?

(A) ସାଗର ଗର୍ଭରେ (B) ଧରିତ୍ରୀ ଗର୍ଭରେ

(C) ଶୁକ୍ତି ଗର୍ଭରେ (D) ପଦ୍ମ ଗର୍ଭରେ

(viii) ଶତାବ୍ଦୀର ସିଂହଦ୍ୱାରରୁ ଭବିଷ୍ୟତର ବାର୍ତ୍ତା କିଏ ଆଣିଛି ?

(A) ଡାକବାଲା (B) ଦୂତ

(C) ମେଘ (D) ପାରା

(ix) ଉତ୍ତରିତ ପିଙ୍ଗଳା କେଉଁଠି ଶୋଇବ ବୋଲି କହିଛି ?

(A) ଫୁଲଶଯ୍ୟାରେ (B) ତୂଳିତଳ୍ପ ଶଯ୍ୟାରେ

(C) ପଥରରେ ଚଟାଣରେ (D) ଧରଣୀର ତୃଣତଳ୍ପରେ

(x) କାହାର ସାଧନା ଜୟଲାଭ କରୁ ବୋଲି କବି ସଚ୍ଚିଦାନନ୍ଦ ରାଉତରାୟ କହିଛନ୍ତି ?

(A) କୃଷକର ସାଧନା (B) ଉତ୍ପୀଡ଼ନର ସାଧନା

(C) ଶିକ୍ଷାର ସାଧନା (D) ବ୍ରହ୍ମଜ୍ଞାନର ସାଧନା

14. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 3 ଟିର) 3 x 2=6

(i) ବେପାରରେ ଗୋପାଳ କିପରି ବଳରାମବାବୁଙ୍କର ଡାହାଣହାତ ହୋଇଥିଲା ?

(ii) ରାୟବାହାଦୁର ହଠାତ୍ ଚମକି ଉଠିଥିଲେ କାହିଁକି ?

(iii) ମାଷ୍ଟରଜୀଙ୍କୁ ଥରେ ଯାଇ ଦେଖିଆସିବାକୁ ଅଶୋକ କାହିଁକି ମନ ବଳାଇଥିଲେ ?

(iv) ପିତାଙ୍କ ମୃତ୍ୟୁପରେ ରାଜୀବଲୋଚନ କ'ଣ କହିଥିଲେ ?

(v) ବର୍ଷାଋତୁ ହେଲେ କମ୍ବୁଗ୍ରୀବ କାହାର ଆଗମନକୁ ଅପେକ୍ଷା କରିଥାଏ ?

◈◈◈